**JP-1-14**

This booklet contains 20 pages.
इस पुस्तिका में 20 पृष्ठ हैं ।

**PAPER I / प्रश्न-पत्र I**
**Odia Language Supplement**
**उड़िया भाषा परिशिष्ट**
**PART IV & V / भाग IV & V**

**Test Booklet Code**
**परीक्षा पुस्तिका संकेत**

**A**

**Test Booklet No.**
**परीक्षा पुस्तिका संख्या**

363717

**Do not open this Test Booklet until you are asked to do so.**
**इस परीक्षा पुस्तिका को तब तक न खोलें जब तक कहा न जाए ।**
**Read carefully the Instructions on the Back Cover (Page 19 & 20) of this Test Booklet.**
**इस परीक्षा पुस्तिका के पिछले आवरण (पृष्ठ 19 व 20)पर दिए निर्देशों को ध्यान से पढ़ें ।**

**For instructions in Odia see Page 2 of this Booklet. / उड़िया में निर्देशों के लिए इस पुस्तिका का पृष्ठ 2 देखें ।**

## *INSTRUCTIONS FOR CANDIDATES*

1. This booklet is a supplement to the Main Test Booklet for those candidates who wish to answer **EITHER** Part IV (Language I) **OR** Part V (Language II) in **ODIA** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part IV and Part V have been given in the Main Test Booklet. Language Supplements can be asked for separately.
4. Use **Blue / Black Ball Point Pen only** for writing particulars on this page / marking responses in the Answer Sheet.
5. The CODE for this Language Booklet is A. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **two** Parts, IV and V, consisting of **60** Objective Type Questions, each carrying 1 mark :
   Part-IV : Language I - (Odia) (Q. 91 to Q. 120)
   Part-V : Language II - (Odia) (Q. 121 to Q. 150)
7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia language have been given. **In case the language/s you have opted for as Language-I and/or Language-II is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part -V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

## परीक्षार्थियों के लिए निर्देश

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो या तो भाग IV (भाषा I) **या** भाग V (भाषा II) **उड़िया** भाषा में देना चाहते हैं, लेकिन **दोनों नहीं** ।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से ।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग IV व भाग V के अन्तर्गत दिए गए हैं । भाषा परिशिष्टों को आप अलग से माँग सकते हैं ।
4. इस पृष्ठ पर विवरण अंकित करने एवं उत्तर पत्र पर निशान लगाने के लिए **केवल नीले/काले बॉल पॉइंट पेन** का प्रयोग करें ।
5. इस भाषा पुस्तिका का **संकेत है A** । यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है । अगर यह भिन्न हो तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं, जो प्रत्येक 1 अंक का है :
   भाग-IV : भाषा I - (उड़िया) (प्र. 91 से प्र. 120)
   भाग-V : भाषा II - (उड़िया) (प्र. 121 से प्र. 150)
7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं । इस परीक्षा पुस्तिका में केवल उड़िया भाषा से संबंधित प्रश्न दिए गए हैं । **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िया के अलावा है तो कृपया उस भाषा वाली परीक्षा पुस्तिका माँग लीजिए । जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए ।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा I (भाग-IV) में चुनी गई भाषा से भिन्न हो ।**
9. रफ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें ।
10. सभी उत्तर केवल OMR उत्तर पत्र पर ही अंकित करें । अपने उत्तर ध्यानपूर्वक अंकित करें । उत्तर बदलने हेतु श्वेत रंजक का प्रयोग निषिद्ध है ।

Name of the Candidate (in Capitals) : ______________________
परीक्षार्थी का नाम (बड़े अक्षरों में) :

Roll Number : in figures ______________________
अनुक्रमांक : (अंकों में)
: in words ______________________
: (शब्दों में)

Centre of Examination (in Capitals) : ______________________
परीक्षा केन्द्र (बड़े अक्षरों में) :

Candidate's Signature : ______________ Invigilator's Signature : ______________
परीक्षार्थी के हस्ताक्षर : निरीक्षक के हस्ताक्षर :

Facsimile signature stamp of
Centre Superintendent ______________________

SEAL

ଏହି ପୁସ୍ତକରେ 20 ପୃଷ୍ଠା ଅଛି ।

# JP-1-14

ପରୀକ୍ଷା ପୁସ୍ତକ କୋଡ

**A**

## ପ୍ରଶ୍ନପତ୍ର I
## ଓଡ଼ିଆ ଭାଷା ପରିଶିଷ୍ଟ
## ଭାଗ IV & V

**ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।**

**ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।**

**ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :**

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।
2. ପରୀକ୍ଷାର୍ଥୀଗଣ ଭାଗ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।
3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର) ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।
4. **କେବଳ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।
5. ଏହି ପ୍ରଶ୍ନପତ୍ରର **କୋଡ୍** ହେଉଛି **A** । ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା-2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।
6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ – ଭାଗ IV ଓ ଭାଗ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 ।
   ଭାଗ IV : ଭାଷା I – (ଓଡ଼ିଆ) *(ପ୍ରଶ୍ନ 91 ରୁ 120)*
   ଭାଗ V : ଭାଷା II – (ଓଡ଼ିଆ) *(ପ୍ରଶ୍ନ 121 ରୁ 150)*
7. ଭାଗ IV ଭାଷା I ରେ 30ଟି ପ୍ରଶ୍ନ ଓ ଭାଗ V ଭାଷା II ରେ 30ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁ ଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷା ରୂପେ ବିବେଚନା କରାଯିବ ।**
8. **ଭାଗ V (ଭାଷା II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**
9. ପ୍ରଶ୍ନପତ୍ରରେ 'ରଫକାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।
10. ଭଲଭାବରେ ଚିନ୍ତା କରି **OMR** ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳାକାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ ଅକ୍ଷରରେ ଲେଖନ୍ତୁ) : ______________________

ରୋଲ ନମ୍ବର : ଅଙ୍କରେ ଲେଖନ୍ତୁ ______________________

: ଶବ୍ଦରେ ଲେଖନ୍ତୁ ______________________

ପରୀକ୍ଷା କେନ୍ଦ୍ର (ବଡ ଅକ୍ଷରରେ ଲେଖନ୍ତୁ) : ______________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର ______________

Facsimile signature stamp of
Centre Superintendent : ______________________

Candidates should answer questions from the following Part only if they have opted for **ODIA** as **LANGUAGE – I.**

## ଭାଗ – IV
## ଭାଷା – I
## ଓଡ଼ିଆ

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **91** ରୁ **99** ପର୍ଯ୍ୟନ୍ତ)

ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଅଛି ଯେ, ଭାରତର ଜାତୀୟତା ଏକାବେଳକେ କେହି କେହି ଅସମ୍ଭବ ମନେ କରନ୍ତି । ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟଃ ସ୍ୱାର୍ଥ ମାୟା-ମମତା ତାହା ସଙ୍ଗେ ମିଶାଇ ନ ଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତନ୍ତ୍ରତା ଦାବୀ କରନ୍ତି, ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ । ନିଜର ସଂକୀର୍ଣ୍ଣ ଆପାତ ସ୍ୱାର୍ଥଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବାଦ୍ୱାରା ଭାରତର ସମୂହ କଲ୍ୟାଣର ଶତ୍ରୁ, ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ ସମ୍ପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରିଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାର ଜାତୀୟତା ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

ଯେ ଯେଉଁ ଜାତିର ହୁଅନ୍ତୁ, ସେ ସର୍ବପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କ ସନ୍ତାନ । ଏହି ମମତା ଏବଂ ଭାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ । ମାନବ ସମାଜ କ୍ରମେ ବଢ଼ିବାକୁ ଲାଗିଲା । ଭିନ୍ନ ଭିନ୍ନ ଭୂଖଣ୍ଡରେ ବିଭିନ୍ନ ଦଳର ମନୁଷ୍ୟ ବାସକରି ସେଠାରେ ସେମାନେ କେତେଗୁଡ଼ିଏ ସ୍ୱାତନ୍ତ୍ର୍ୟ ଲାଭକଲେ । ଏହି ସ୍ୱତନ୍ତ୍ର୍ୟ ସେମାନଙ୍କ ଜାତୀୟ ଚରିତ୍ର । ଏହି ଜାତୀୟ ଚରିତ୍ର ଛଡ଼ା ପୁଣି ବ୍ୟକ୍ତି ବିଶେଷର କେତେ ଗୁଡ଼ିଏ ସ୍ୱତନ୍ତ୍ର ପ୍ରବୃତ୍ତି, ଅଭ୍ୟାସ, ଇଚ୍ଛା, ଅନୁରାଗ, ଅଭିପ୍ରାୟ ରହିବା ସ୍ୱାଭାବିକ । ଆମ୍ଭେମାନେ ବ୍ୟକ୍ତିଗତ ଭାବରେ ବା ଜାତିଗତ ଭାବରେ ଯାହା କରୁଁ, ତାହା ମାନବ ଧର୍ମର ଅନୁକୂଳ ନହେଲେ, ଉଦାର ମାନବ ଭାବର ପରିପୋଷକ ନହେଲେ, ଆମ୍ଭମାନଙ୍କର ହେବ ଅକର୍ତ୍ତବ୍ୟ । ମାନବ ଆତ୍ମାର କ୍ରମେ ବିକାଶ ହେଉଅଛି, ମାନବ ସମାଜ କ୍ରମେ ବିଧାତାଙ୍କର ସୃଷ୍ଟି ନିୟମର ନୂତନ ଅଧ୍ୟାୟ ଫିଟାଇଅଛି । ମାନବ ଜୀବନରେ କ୍ରମେ ଭଗବାନଙ୍କର ଇଚ୍ଛା ଅଧିକରୁ ଅଧିକତର ଭାବରେ ପରିସ୍ଫୁଟ ହେଉଅଛି । ମାନବଜାତିର ଏହି କ୍ରମୋନ୍ନତି ଓ ମାନବଧର୍ମର ଏହି ଅଭ୍ୟୁଦୟ ଫଳରେ ପ୍ରତ୍ୟେକ ଜାତିର ଉନ୍ନତି । ସୁତରାଂ ଉଦାର ମାନବିକତା ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ୍ୟ ହେବା ଉଚିତ ।

**91.** ଜାତୀୟ ଜୀବନର ମୂଳମନ୍ତ୍ର କ'ଣ ହେବା ଉଚିତ ?

(1) ଜାତୀୟ ଚେତନା

(2) ମନୁଷ୍ୟ ପ୍ରତି ସମବେଦନା

(3) ଜାତି ଜାତି ମଧ୍ୟରେ ସମତା ଓ ଭାତୃଭାବ

(4) ସଂକୀର୍ଣ୍ଣତା ପରିହାର

**92.** ବିଭିନ୍ନ ଦଳର ମନୁଷ୍ୟ ଭିନ୍ନ ଭିନ୍ନ ଭୂଖଣ୍ଡରେ ବାସକରି କ'ଣ ଲାଭ କଲେ ?

(1) ସ୍ୱାଧୀନତା

(2) ଜାତୀୟତା ଭାବ

(3) କେତେଗୁଡ଼ିଏ ସ୍ୱାତନ୍ତ୍ୟ

(4) ବ୍ୟକ୍ତିଗତ ଇଚ୍ଛା

**93.** ମାନବ ସମାଜ ବିଧାତାଙ୍କର କ'ଣ ଫିଟାଇ ଅଛି ?

(1) ସୃଷ୍ଟିନିୟମର ନୂତନ ଅଧ୍ୟାୟ

(2) ଉଦାର ଭାବ

(3) ମାନବ ଧର୍ମ

(4) ଈଶ୍ୱରଙ୍କ ପ୍ରତି ଅନୁରାଗ

**94.** ପ୍ରତ୍ୟେକ ଜାତୀୟ ଅନୁଷ୍ଠାନର ଲକ୍ଷ କ'ଣ ହେବା ଉଚିତ୍ ?

(1) ମାନବ ଧର୍ମ

(2) ଉଦାର ମାନବିକତା

(3) ଜାତିର ଉନ୍ନତି

(4) ଭଗବାନଙ୍କ ଇଚ୍ଛା

**95.** କୌଣସି ପ୍ରଦେଶ ବା ଅଞ୍ଚଳରେ ଭେଦ ଘଟିଲେ କ'ଣ ହେବ ?

(1) ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ

(2) ଜାତୀୟ ଚେତନାର ଅନ୍ତରାୟ ଘଟିବ

(3) ଜାତୀୟ ଅନୁଷ୍ଠାନର ବିକାଶ ହେବ ନାହିଁ

(4) ଦେଶର ସ୍ୱାତନ୍ତ୍ୟ ବି ନଷ୍ଟ ହେବ

**96.** ମାନବ ଜୀବନରେ କ୍ରମେ କ'ଣ ଅଧିକରୁ ଅଧିକତର ପରିସ୍ଫୁଟ ହେଉଅଛି ?

(1) ମାନବ ଧର୍ମ

(2) ଆତ୍ମାର ବିକାଶ

(3) ଜାତୀୟ ଜାଗରଣ

(4) ଭଗବାନଙ୍କର ଇଚ୍ଛା

**97.** ପ୍ରାଦେଶିକ ଉନ୍ନତି ପଥରେ କେଉଁମାନେ କଣ୍ଟକ ?

(1) ଯେଉଁମାନେ ଜାତିକଥା ଚିନ୍ତା ନ କରନ୍ତି

(2) ଯେଉଁମାନେ ଆତ୍ମଘାତୀ

(3) ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତନ୍ତ୍ରତା ଦାବୀ କରନ୍ତି

(4) ଜାତୀୟ ଭାବନା ଯାହାଙ୍କ ଭିତରେ ନଥାଏ

**98.** ଭାରତରେ ଜାତୀୟତା ଗଠନର କ'ଣ ଅସୁବିଧା ରହିଅଛି ?

(1) ଜାତୀୟ ସମସ୍ୟା

(2) ଅନେକ ଭେଦଭାବ

(3) ନାନା ପାର୍ଥକ୍ୟ

(4) ନାନା ଅନ୍ତରାୟ

**99.** ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ?

(1) ପ୍ରଦେଶର ଉନ୍ନତି

(2) ଜାତୀୟତା ବିକାଶ

(3) ସ୍ୱାର୍ଥ ବିସର୍ଜନ

(4) ସ୍ୱତନ୍ତ୍ର ପ୍ରଦେଶ ଗଠନ

ନିମ୍ନ ପ୍ରଦତ୍ତ କବିତାଟି ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ୍ କର । (ପ୍ରଶ୍ନ **100** ରୁ **105**)

ତହୁଁ ସ୍ୱାଧୀନତା ଆସିଛି ରାଇଜେ,
ଯାଇଛନ୍ତି ଚାଲି ବିଦେଶୀ ରଜା;
ଛାର କନା ଖଣ୍ଡେ ନ ମଣ ଏହାକୁ,
ଏ ତ ଆମ ପ୍ରିୟ୍ ଜାତୀୟ୍ ଧ୍ୱଜା ।
ସ୍ଥଳେ ଉଡ଼ାଇଲେ ପଦାତିକ ସେନା,
ଉଡ଼ିବ ସାଗରେ ସମର-ପୋତେ;
ବ୍ୟୋମେ ଯୁଦ୍ଧ-ବ୍ୟୋମଯାନେ ଏ ଶୋଭିବ,
ବାଟ କାଟିଯିବ ସମୀର ସ୍ରୋତେ ।
ରଖିବ ଏ ଆମ ମାନ ଏ ସଂସାରେ,
ବଢ଼ାଇବ ଆମ ଜାତିର ଟେକ;
କରିବ ନିକର ଦେଖୁ ଦେଶେ ଯାହା,
କରିଅଛି ମର୍ତ୍ତ୍ୟେ ଜାତି ବୈରଖ ।
ତେଣୁ ଏ ଯେ ଆମ ଜାତିର ଦେବତା,
ଜୁହାରିବା ଆଜି ଚାଲରେ ସର୍ବେ;
ଯେତେ ଫରଫର ଉଡ଼ିବ ଏ ସତେ,
ହୃଦୟ୍ ଆମର ନାଚିବ ଗର୍ବେ ।

**100.** ସ୍ଥଳ ଭାଗରେ ଜାତୀୟ୍ ଧ୍ୱଜାକୁ କିଏ ଉଡ଼ାଇଥିଲେ ?
(1) ପଦାତିକ ସେନା
(2) ବିଦେଶୀ ରଜା
(3) ବ୍ୟୋମଯାନ
(4) ଜାତିର ଲୋକେ

**101.** ଜାତୀୟ୍ଧ୍ୱଜା ଆମର କ'ଣ ବଢ଼ାଇବ ?
(1) ମାନ
(2) ଗର୍ବ
(3) ଜାତିର ଟେକ
(4) ଗୌରବ

**102.** ଆମ ଜାତିର ଦେବତା କିଏ ?
(1) ମର୍ତ୍ତ୍ୟର ଦେବତା
(2) ଜାତୀୟ୍ ଧ୍ୱଜା
(3) ପଦାତିକ ସେନା
(4) ମହାତ୍ମା ଗାନ୍ଧୀ

**103.** ଜାତୀୟ୍ ଧ୍ୱଜାକୁ କ'ଣ ନମଣିବାକୁ କବି କହିଛନ୍ତି ?
(1) ସାଧାରଣ ଧ୍ୱଜା
(2) ମନ୍ଦିର ଧ୍ୱଜା
(3) ରଂଗୀନ ଧ୍ୱଜା
(4) ଛାର କନାଖଣ୍ଡେ

**104.** କିଏ ଚାଲିଗଲା ପରେ ରାଜ୍ୟକୁ ସ୍ୱାଧୀନତା ଆସିଛି ?
(1) ଜାତୀୟ୍ତା
(2) ବିଦେଶୀ ରଜା
(3) ଜାତୀୟ୍ ଧ୍ୱଜା
(4) ପଦାତିକ ସେନା

**105.** ସମର-ପୋତରେ କିଏ ଉଡ଼ିବ ?
(1) ସ୍ୱାଧୀନତା
(2) ସାଗର
(3) ବ୍ୟୋମଯାନ
(4) ଜାତୀୟ୍ଧ୍ୱଜା

**ନିର୍ଦ୍ଦେଶାବଳୀ** : ପ୍ରତ୍ୟେକ ପ୍ରଶ୍ନର ତଳେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛନ୍ତୁ ।

**106.** ଏଥିମଧ୍ୟରୁ କେଉଁଟି ଶିକ୍ଷାର୍ଥୀଙ୍କୁ ବାକ୍ୟର ଦୁଇଟି ଅଂଶ ମଧ୍ୟରେ ସଂପର୍କ ଉପରେ ଅବଗତ କରାଇଥାଏ ?

(1) କ୍ରିୟା ବିଶେଷଣ

(2) ସର୍ବନାମ

(3) ବ୍ୟକ୍ତିନାମ

(4) କ୍ରିୟାଯୁକ୍ତ ବାକ୍ୟାଂଶ

**107.** ଏଥିମଧ୍ୟରୁ କେଉଁ ବାକ୍ୟଟି ଠିକ୍ ? (ମନେ ରଖନ୍ତୁ କିଏ ବସ୍ ଧରିବାକୁ ଯାଉଛନ୍ତି)

(1) ବସ୍‌ଧରିବାକୁ ଯିବାବେଳେ, ବୃଦ୍ଧ ଜଣଙ୍କର ଗୋଡ଼ ଖସି ଯିବାରୁ ପଡ଼ିଗଲେ ।

(2) ବସ୍‌ଧରିବାକୁ ଯିବାବେଳେ, ବୃଦ୍ଧଙ୍କର ପକେଟରୁ ୱାଲେଟ୍ ଖସି ପଡ଼ିଲା ।

(3) ବସ୍‌ଧରିବାକୁ ଯିବାବେଳେ, ବୃଦ୍ଧଙ୍କର ମୁହଁ ଝାଳରେ ଭରିଗଲା ।

(4) ବସ୍‌ଧରିବାକୁ ଯିବାବେଳେ, ବୃଦ୍ଧ ତାଙ୍କର ଭବିଷ୍ୟତ ଜୀବନକୁ ଧିକ୍କାର କରୁଥିଲେ ।

**108.** ନିମ୍ନୋକ୍ତ ସମସ୍ତ ମନ୍ତବ୍ୟ ଶ୍ରବଣ ଆଚରଣକୁ ଦର୍ଶାଇଥାଏ । କେବଳ ଗୋଟିଏ ନୁହେଁ । କେଉଁଟି ?

(1) ସତର୍କ ଭାବରେ ଶୁଣିବା ଶ୍ରୋତାର ପରବର୍ତ୍ତୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥାଏ ।

(2) ଲୋକମାନେ ବାଛି ବାଛି ଶୁଣନ୍ତି ଏବଂ ଆବଶ୍ୟକ ନହେଲେ ଶୁଣିବା ବନ୍ଦ କରି ଦିଅନ୍ତି ।

(3) ଜଣେ ଦକ୍ଷ ଶ୍ରୋତାଙ୍କର ଦକ୍ଷତା ଆପେ ଆପେ ଆସିଥାଏ, ଏଥି ନିମନ୍ତେ ପ୍ରଶିକ୍ଷଣର ଆବଶ୍ୟକତା ନାହିଁ ।

(4) ସମସ୍ତ ଯୋଗାଯୋଗର ଅର୍ଦ୍ଧେକ ଶ୍ରବଣ ଉପରେ ନିର୍ଭର କରେ ।

**109.** 'ତପସ୍ୱୀ' ଶବ୍ଦର ଉଚ୍ଚାରଣ ଶିଖାଇବା ନିମନ୍ତେ କ'ଣ କରିବା ଆବଶ୍ୟକ ?

(1) ଶିକ୍ଷାର୍ଥୀଙ୍କୁ ଓଡ଼ିଆ ଭାଷାରୁ ସମାନ ଧରଣର ଏକ ଶବ୍ଦ ଉଚ୍ଚାରଣ କରିବାକୁ କହିବା

(2) ତାର ଅର୍ଥ ବାହାରକରି ସମସ୍ତଙ୍କୁ ଅବଗତ କରାଇବା

(3) ଉଚ୍ଚାରଣ ପ୍ରଦାନକାରୀ ଏକ ଭାଷାକୋଷର ସାହାଯ୍ୟ ନେଇ ସେଇ ଶବ୍ଦଟିର ପ୍ରକୃତ ଉଚ୍ଚାରଣ କରି ସମସ୍ତଙ୍କୁ ଶୁଣାଇବା

(4) ଶିକ୍ଷାର୍ଥୀଙ୍କୁ ଉକ୍ତ ଶବ୍ଦଟି ଏକ ବିଦେଶୀ ଶବ୍ଦ ବୋଲି କହିବା

**110.** ଶୀର୍ଷକ, ପରିଚ୍ଛେଦ ଶୀର୍ଷକ ଓ ଦୃଷ୍ଟତଥ୍ୟ ଅନୁଯାୟୀ ବିଷୟ ବସ୍ତୁ ସଂପର୍କରେ ଜ୍ଞାନ ଆହରଣ କରିବା ଏବଂ ଯାହା ସଂପର୍କରେ ଆଗ୍ରହୀ ତା ଉପରେ ଲେଖିବା । ଏ ପ୍ରକାରର ପଠନକୁ _____ ପଦ୍ଧତି କୁହାଯାଏ ।

(1) ଦୃଷ୍ଟି ଆକଳନ

(2) ଶବ୍ଦାଘାତ

(3) ପୂର୍ବାର୍ଜିତ ଜ୍ଞାନର ବିନିଯୋଗ

(4) ଭବିଷ୍ୟ ନିର୍ଦ୍ଧାରଣ (ପ୍ରେଡ଼ିକ୍‌ସନ)

**111.** କୌଣସି ଏକ ରେଷ୍ଟୁରାଣ୍ଟରେ ନିମ୍ନ ଉଲ୍ଲେଖ ରହିଛି । ଏଥି ମଧ୍ୟରୁ କେଉଁ ଧାଡ଼ିରେ ଏକ ଭୁଲ ରହିଛି ?

1. ଗରମ ଓ ମସଲାଯୁକ୍ତ, ସ୍ନାକ୍ସ ଖାଆନ୍ତୁ,

2. ତା ସହିତ ସଂଗେ ସଂଗେ ହୋଇଥିବା ଚକ୍‌ଲେଟ୍ ବିସ୍କୁଟ,

3. ସେମାନେ ଖୁବ୍ ସ୍ୱାଦିଷ୍ଟ

(1) ପ୍ରଥମ ଓ 2ୟ ଧାଡ଼ି

(2) ପ୍ରଥମ ଧାଡ଼ି

(3) ପ୍ରଥମ ଓ ତୃତୀୟ ଧାଡ଼ି

(4) କେବଳ ତୃତୀୟ ଧାଡ଼ି

**112.** ପ୍ରକାଶ ସିଦ୍ଧାନ୍ତ (Principle of Discovery)ର ଅର୍ଥହେଲା ବ୍ୟାକରଣ କ୍ଲାସରେ ଶିକ୍ଷାର୍ଥୀ –

(1) ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସହଯୋଗକାରୀ ବ୍ୟାକରଣିକ କାର୍ଯ୍ୟରେ ନିମଗ୍ନ ରହନ୍ତି ।

(2) କେତେକ ଉଦାହରଣ ମାଧ୍ୟମରେ ନିୟମ ନିର୍ଦ୍ଧାରଣ କରନ୍ତି ।

(3) ସଚେତନ ଭାବରେ ବ୍ୟାକରଣ ନିୟମ ଉପରେ ଧ୍ୟାନ ଦେଇଥାନ୍ତି ।

(4) ଶିକ୍ଷକଙ୍କ ସାହାଯ୍ୟ ଲାଭକରି ବ୍ୟାକରଣଗତ ତ୍ରୁଟି ଦୂର କରିଥାନ୍ତି ।

**113.** କାଇନ୍‌ସଥେଟିକ୍ ଇନ୍‌ଟେଲିଜେନ୍‌ସ (Kinesthetic Intelligence) ଏକ ପ୍ରକାର ଆହରଣ ଦକ୍ଷତା ଯେଉଁଥିରେ ଶିକ୍ଷାର୍ଥୀ –

(1) ଶ୍ରବଣ ଦକ୍ଷତା ବଢ଼ାଇବା ସଂଗେ ସଂଗେ ଶବ୍ଦ ମାଧ୍ୟମରେ ପ୍ରକାଶ କରିଥାନ୍ତି ।

(2) ଚଳନ ଦ୍ୱାରା ନିଜକୁ ପ୍ରକାଶ କରିଥାନ୍ତି ଏଥିରେ ଚକ୍ଷୁ ଏବଂ ହସ୍ତର ଅପୂର୍ବ ସଂଯୋଗ ରହିଥାଏ ।

(3) ସଂଗୀତିକତା ଉପରେ ଗୁରୁତ୍ୱ ଦେଇ ଧ୍ୱନି, ତାଳ ଓ ଏହାର ସଂଯୋଗୀକରଣ କରିଥାନ୍ତି

(4) ଯୁକ୍ତି ସଂଗତ ଭାବରେ ଗାଣିତିକ ପ୍ରକ୍ରିୟାକୁ ଆଧାର କରି ତଥ୍ୟଗୁଡ଼ିକର ଏକତ୍ରୀକରଣ କରିଥାନ୍ତି

**114.** ଶିକ୍ଷାର୍ଥୀଙ୍କ ନିର୍ଦ୍ଦିଷ୍ଟ ଶିକ୍ଷାଗତ ପ୍ରବଣତା (Specific Academic Aptitudes) ଏଥି ମଧ୍ୟରୁ କେଉଁଟିରେ ପ୍ରକାଶ ପାଇଥାଏ ?

(1) ଅନେକ ସମୟରେ ଅପ୍ରାସଙ୍ଗିକ ଉତ୍ତର ପ୍ରଦାନ କରିବା

(2) ଅନ୍ୟର ଦକ୍ଷତା ଓ କୁଶଳତାକୁ ଗ୍ରହଣ କରିବା

(3) ଏକ ସୁନ୍ଦର ସ୍ୱାସ୍ଥ୍ୟ ଲାଭ କରିବା

(4) ନିର୍ଦ୍ଦିଷ୍ଟ ବିଭାଗରେ ଦୀର୍ଘ ସମୟଧରି ମନଯୋଗ ଦେବା

**115.** ପୂର୍ବ ଅନୁଭୂତିକୁ ଆଧାରକରି ଉତ୍ତର ଯୋଗାଯୋଗ କରିବାକୁ କ'ଣ କୁହାଯାଏ ?

(1) ମତ ପ୍ରଦାନକାରୀ ତଥ୍ୟ

(2) ତଥ୍ୟ ହସ୍ତାନ୍ତରିକରଣ

(3) ପ୍ରଶ୍ନ କୌଶଳ

(4) ଜୀବନ୍ତ ପ୍ରଦର୍ଶନ

**116.** ଶିକ୍ଷକ ପ୍ରଶୀକ୍ଷଣ ପଦ୍ଧତିରେ 'ତୁଳନା' (Simulation) କ'ଣ ବୃଦ୍ଧି କରିବାରେ ସହାୟକ ହୋଇଥାଏ ?

(1) ପାଠ୍ୟକ୍ରମର ପ୍ରସ୍ତୁତି

(2) ଭିଡ଼ିଓ ପ୍ରଦର୍ଶନ କରିବା

(3) ସୂକ୍ଷ୍ମ ନୀରିକ୍ଷଣ ପୂର୍ବକ ଶିକ୍ଷା

(4) ଉତ୍ତମ କ୍ଲାସନୋଟ୍ ପ୍ରସ୍ତୁତ କରିବା

**117.** ଲିଖନ ପ୍ରକ୍ରିୟାର କେଉଁ ସମୟରେ 'ମୁକ୍ତ ଲିଖନ', 'ମସ୍ତିଷ୍କରେ ପ୍ରବଳ ଉଚ୍ଛ୍ୱାସ', 'ଏକତ୍ରୀକରଣ' ଓ 'ଆଧାର ସଂଗ୍ରହ' ମୁଖ୍ୟ ହୋଇଥାଏ ?

(1) ଲିଖନର ପୂର୍ବ ଅବସ୍ଥା ବା ପ୍ରାକ୍‌ଲିଖନ

(2) ଲିଖନ ସମୟ

(3) ପୁନଃଦୃଷ୍ଟି

(4) ସଂଶୋଧନ

**118.** ନିମ୍ନ ଶବ୍ଦଗୁଡ଼ିକ ବ୍ୟାକରଣର କେଉଁ ବିଭାଗର ଅନ୍ତର୍ଭୁକ୍ତ ?

ଆଜି, ଅସାବଧାନ ଭାବରେ, ଯୋର୍‌ରେ, ଧୀରେ, ଆସନ୍ତାକାଲି, ଏଠାରେ, କ୍ରୋଧିତ ଅବସ୍ଥାରେ, ଖୁସୀରେ, ପରେ, ସବୁଠାରେ

(1) ବିଶେଷ୍ୟ

(2) ଅବ୍ୟୟ

(3) କ୍ରିୟା ବିଶେଷଣ

(4) ସର୍ବନାମ

**119.** ଲିଖନ ପ୍ରକ୍ରିୟାରେ ଏଇ କ୍ରମଟି ହିଁ ଉତ୍କୃଷ୍ଟ ମାର୍ଗ ।

(1) ସଂଗ୍ରହ, କ୍ରମନିର୍ଦ୍ଧାରଣ, ଲିଖନ, ପୁର୍ନଲିଖନ

(2) ସଂଗ୍ରହ, କ୍ରମନିର୍ଦ୍ଧାରଣ, ପୁର୍ନଲିଖନ, ଲିଖନ

(3) କ୍ରମନିର୍ଦ୍ଧାରଣ, ସଂଗ୍ରହ, ଲିଖନ, ପୁର୍ନଲିଖନ

(4) ଲିଖନ, ସଂଗ୍ରହ, କ୍ରମନିର୍ଦ୍ଧାରଣ, ପୁର୍ନଲିଖନ

**120.** କୌଣସି ଭାଷା ଶିକ୍ଷାରେ ସାହିତ୍ୟ, ଛାତ୍ରଛାତ୍ରୀଙ୍କୁ – ଶିକ୍ଷା ଦିଆଯାଇଥାଏ ।

(1) ସଂସ୍କୃତି ସଂପର୍କୀୟ

(2) ଭାଷାର ବିଭିନ୍ନତା ସଂପର୍କରେ

(3) ଓଡ଼ିଆ ଭାଷାର ପୁରୁଣା ରଚନା ପଦ୍ଧତି ସଂପର୍କରେ

(4) ଭାଷାର ଜଟିଳ ଶବ୍ଦାବଳୀ ଉପରେ

Candidates should answer questions from the following Part only if they have opted for **ODIA** as **LANGUAGE – II.**

## ଭାଗ – V

## ଭାଷା – II

## ଓଡ଼ିଆ

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରତି ପ୍ରଶ୍ନର ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର (ପ୍ରଶ୍ନ **121** ରୁ **129**)

ନିଜ ଦୋଷ-ଦୁର୍ବଳତାକୁ ନ ପାସୋରି ପରର ଅପରାଧକୁ ଦୟାଳୁ ଭାବରେ ବିଚାରକରିବା ସମୀଚୀନ କଥା । ଅପରାଧର ବିଚାର କଲାବେଳେ କରୁଣା ପ୍ରଦର୍ଶନ କଲେ, ସେଥିରେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ – ଏହା ସେକ୍ସପିଅର ତାଙ୍କର ଏକ ପ୍ରସିଦ୍ଧ ନାଟକରେ ସୁନ୍ଦର ଭାବରେ ବ୍ୟକ୍ତ କରିଅଛନ୍ତି । ପ୍ରତିହିଂସା ଓ ଶାସ୍ତି ଅପେକ୍ଷା କ୍ଷମା ଓ କରୁଣାରେ ଯେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ, ଏହା କେହି ଅସ୍ୱୀକାର କରିବେ ନାହିଁ । ଏକେ ତ ଭ୍ରମପ୍ରମାଦ ସମସ୍ତଙ୍କ ଜୀବନରେ ଘଟେ । ତେଣୁ ଅନେକ କ୍ଷେତ୍ରରେ କ୍ଷମାଚରଣ କରିବା ଓ ଦଣ୍ଡ ଦେଲେ ମଧ୍ୟ ଅପରାଧୀ ପ୍ରତି ମାନବିକ ବ୍ୟବହାର କରିବା ଉଚିତ । ତା'ପରେ ଆହୁରି ବିଚାର କରିବାର କଥା ଏହି ଯେ, ଅନ୍ୟାୟ ଓ ଅପରାଧ ଅନେକ କ୍ଷେତ୍ରରେ ଅପରାଧୀର ଚିତ୍ତବୃତ୍ତି ଅପେକ୍ଷା ପାରିପାର୍ଶ୍ୱିକ ଘଟଣା ଉପରେ ଅଧିକ ନିର୍ଭର କରେ । ଦେଖାଯାଇଛି ଯେ, ଅନେକ ସାଧୁଲୋକ ମଧ୍ୟ ଅବସ୍ଥାଚକ୍ରରେ ଏପରି ଅନ୍ୟାୟ କରିଅଛନ୍ତି, ଯାହା ଭିନ୍ନ ଅବସ୍ଥାରେ ଥିଲେ ସେ କେବେହେଲେ ତାହା କରିନଥାନ୍ତେ । ଦୁର୍ଭିକ୍ଷବେଳେ କ୍ଷୁଧାଯନ୍ତ୍ରଣା ସହ୍ୟ କରିନପାରି ମାଆ ପ୍ରାଣର ଶିଶୁକୁ ସାମାନ୍ୟ ଖାଦ୍ୟଲାଗି ବିକ୍ରୟ କରିଦେବାର ଓ ଆହାର ବେଳେ ନିଜ ସନ୍ତାନ ମାନଙ୍କ ସଙ୍ଗେ କଳହ କରିବାର ଦେଖାଯାଇଛି । ଜୀବନରେ ଏ ପ୍ରକାର ସାଙ୍ଘାତିକ ଅବସ୍ଥାରେ ପଡ଼ିଲେ, ପ୍ରତ୍ୟେକ ମନୁଷ୍ୟ ଯେ ଏପରି ଜଘନ୍ୟ ଆଚରଣ କରିବେ, ଏଥିରେ ସନ୍ଦେହ ନାହିଁ । ଜୀବନରେ ଏପରି ଆହୁରି ନାନା ପ୍ରକାର ଘଟଣାଚକ୍ର ଅଛି, ଯେଉଁଥିରେ ଅନ୍ୟାୟ ଅପରାଧ କରିବା ବିଶେଷ ବିଚିତ୍ର କଥା ନୁହେଁ । ଏକେ ତ ମନୁଷ୍ୟ ଭ୍ରମପ୍ରବଣ, ତା'ପରେ ଭ୍ରମ-ପ୍ରମାଦପାଇଁ ଜଗତରେ ପ୍ରଲୋଭନ ଓ ଉପାଦାନର ଅଭାବ ନାହିଁ । ଏସବୁ ଦୃଷ୍ଟିରୁ ମନୁଷ୍ୟ ପ୍ରତି କଠୋର ବ୍ୟବହାର ନ କରି ଅନୁକମ୍ପା ଓ କ୍ଷମା କରିବା ଯେ ସର୍ବଥା ବିଧେୟ, ତାହା କେହି ଅସ୍ୱୀକାର କରିବେ ନାହିଁ ।

ତା'ପରେ କ୍ଷମା ଓ କରୁଣା ସହ କୋମଳ ବ୍ୟବହାର ଦ୍ୱାରା ଅପରାଧୀ ହୃଦୟରେ ଅନେକ ସମୟରେ ଦେବତ୍ୱର ବିକାଶ ହୁଏ । ଶାସ୍ତି ଓ ଦଣ୍ଡଦ୍ୱାରା ସେପରି ହେବାର କେବେ ଦେଖାଯାଇ ନହିଁ । ଶାସ୍ତି ଦେବାର ଏକମାତ୍ର ଉଦ୍ଦେଶ୍ୟ ଏହି ଯେ, ତଦ୍ୱାରା ଅପରାଧୀର ଚରିତ୍ର ସଂଶୋଧିତ ହେବ, କିନ୍ତୁ ଯେପରି ଦେଖାଯାଉଛି କଠିନ ଶାସ୍ତି ଓ କାରାଗାରର ଅମାନୁଷିକ ଅତ୍ୟାଚାର ଫଳରେ ଅଧିକାଂଶ ଅପରାଧୀଙ୍କର ଚରିତ୍ର ଚିରକାଳ ଲାଗି ନଷ୍ଟ ହୁଏ । ଏହି ଅପରାଧୀମାନେ ଯଦି କରୁଣା ଓ ମାନବିକ ବ୍ୟବହାର ପାଉଥାନ୍ତେ, ତେବେ ଏହା ନିଶ୍ଚିତ କଥା ଯେ ସେମାନଙ୍କ ଚରିତ୍ର ବହୁ ପରିମାଣରେ ସଂଶୋଧିତ ହୋଇପାରନ୍ତା ।

**121.** ସମସ୍ତଙ୍କ ଜୀବନରେ କ'ଣ ଘଟେ ?

(1) କ୍ଷମା କରୁଣା

(2) ଭ୍ରମ ପ୍ରମାଦ

(3) ଅପରାଧ

(4) ଦୁର୍ବଳତା

**122.** ଦଣ୍ଡଦେଲେ ମଧ୍ୟ ଅପରାଧୀ ପ୍ରତି କିପରି ବ୍ୟବହାର କରିବା ଉଚିତ୍ ?

(1) କରୁଣାପୂର୍ଣ୍ଣ ବ୍ୟବହାର

(2) ସ୍ନେହପୂର୍ଣ୍ଣ ବ୍ୟବହାର

(3) ମାନବିକ ବ୍ୟବହାର

(4) ଆଦର୍ଶ ବ୍ୟବହାର

**123.** ଜୀବନରେ ମନୁଷ୍ୟ ଜଘନ୍ୟ ଆଚରଣ କେତେବେଳେ କରିଥାଏ ?

(1) ସାଂଘାତିକ ଅବସ୍ଥାରେ ପଡ଼ିଲେ

(2) ଅପରାଧୀ ହେଲେ

(3) କରୁଣାଶୂନ୍ୟ ହେଲେ

(4) ଭ୍ରମପ୍ରବଣ ହେଲେ

**124.** ଭ୍ରମ-ପ୍ରମାଦ ପାଇଁ ଜଗତରେ କ'ଣ ଅଭାବ ନାହିଁ ?

(1) ଅନୁକଂପାର

(2) ଘଟଣା ଚକ୍ରର

(3) ଅବସ୍ଥା ଚକ୍ରର

(4) ପ୍ରଲୋଭନ ଓ ଉପାଦାନର

**125.** ଶାସ୍ତି ଓ ଦଣ୍ଡ ଦ୍ୱାରା ଅପରାଧୀ ହୃଦୟରେ କ'ଣ ହୁଏ ନାହିଁ ?

(1) ଦେବତ୍ୱର ବିକାଶ

(2) ଅମାନୁଷିକତା

(3) ଭ୍ରମପ୍ରମାଦ

(4) ମାନବିକ ବ୍ୟବହାର

**126.** ଶାସ୍ତି ଦେବାର ଉଦ୍ଦେଶ୍ୟ କ'ଣ ?

(1) ଦେବତାପରି ଆଚରଣ

(2) ଆଉ ଅତ୍ୟାଚାର ନ କରିବା

(3) ଅପରାଧୀର ଚରିତ୍ର ସଂଶୋଧନ

(4) ଚରିତ୍ର ନଷ୍ଟ ନହେବା

**127.** ଅପରାଧୀମାନେ କରୁଣା ଓ ମାନବିକ ବ୍ୟବହାର ପାଇଲେ କ'ଣ ହୁଅନ୍ତା ?

(1) ଦେବତ୍ୱର ବିକାଶ ହୁଅନ୍ତା

(2) ଚରିତ୍ର ନଷ୍ଟ ହୁଅନ୍ତା ନାହିଁ

(3) ଜଘନ୍ୟ ଆଚରଣ କରନ୍ତେ ନାହିଁ

(4) ସେମାନଙ୍କ ଚରିତ୍ର ବହୁ ପରିମାଣରେ ସଂଶୋଧିତ ହୋଇପାରନ୍ତା

**128.** ପରର ଅପରାଧକୁ କିପରି ଭାବରେ ବିଚାର କରିବା ସମୀଚୀନ କଥା ?

(1) କରୁଣା ଭାବରେ

(2) କ୍ଷମାଶୀଳ ଭାବରେ

(3) ସାଂଘାତିକ ଭାବରେ

(4) ଦୟାଳୁ ଭାବରେ

**129.** ଅନ୍ୟାୟ ଓ ଅପରାଧ କାହା ଉପରେ ଅଧିକ ନିର୍ଭର କରେ ?

(1) ଅବସ୍ଥାଚକ୍ର ଓ ପ୍ରଲୋଭନ ଉପରେ

(2) ଭ୍ରମ ପ୍ରମାଦ ଉପରେ

(3) ପାରିପାର୍ଶ୍ୱିକ ଘଟଣା ଉପରେ

(4) ନିଷ୍ଠୁର ବ୍ୟବହାର ଉପରେ

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦ ପାଠକରି ପ୍ରତି ପ୍ରଶ୍ନ ତଳେ ଥିବା ଚାରୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ନିର୍ଣ୍ଣୟ କର । (ପ୍ରଶ୍ନ **130** ରୁ **135** ପର୍ଯ୍ୟନ୍ତ)

ହୃଦୟରେ ଏହି ବିଶ୍ୱାସ ଜାଗ୍ରତ ଥିଲେ, ଏହି ଉଦାର ନୀତିରେ ଜୀବନର ଗତି ନିୟମିତ ହେଲେ କ୍ଷୁଦ୍ର ପଲ୍ଲୀରେ ସୀମାବଦ୍ଧ କାର୍ଯ୍ୟକ୍ଷେତ୍ରରେ ରହି ମନୁଷ୍ୟ ସମଗ୍ର ମାନବ କଲ୍ୟାଣରେ ଆତ୍ମବିନିଯୋଗ କରିପାରେ । ଏହି ବିଶ୍ୱାସ, ଏହି ମହାଲକ୍ଷ୍ୟ ବିଭିନ୍ନ ପ୍ରକୃତିର ବିଭିନ୍ନ ଜାତିର ଲୋକମାନଙ୍କୁ ଏକ ସୂତ୍ରରେ ଆବଦ୍ଧ କରି ସମଗ୍ର ମାନବସମାଜରେ ମଧୁମୟ ସମନ୍ୱୟ ସ୍ଥାପନ କରିବ । ଏହି ବିଶ୍ୱାସ ଦୃଢ଼ ନ ହେଲେ ମନୁଷ୍ୟ ନିଜ ଜାତିର ଦେବତ୍ୱ ଦେଖିବ ନାହିଁ । ଉତ୍କଳ ଜାତିର ପବିତ୍ର ମୂର୍ତ୍ତି ଆମ୍ଭମାନଙ୍କର ଏହି ସମ୍ମିଳନୀ ଆମ୍ଭମାନଙ୍କର ଆରାଧ୍ୟ ଈଶ୍ୱର । ଏହି ସ୍ଥାୟୀଜ୍ଞାନ ହୃଦୟରେ ଜାଗ୍ରତ ରହିବ କେବଳ ଉଦାର ମାନବିକତା ଆଡ଼କୁ ଲକ୍ଷ ରଖି ଆମ୍ଭମାନଙ୍କର ଜାତୀୟ ଜୀବନ ଗଠନ କରିବାରେ ।

ଓଡ଼ିଆମାନେ ଯେ ଏହି ଉଦାର ମାନବ ଧର୍ମରେ ଚିରଦିନ ଦୀକ୍ଷିତ ଏବଂ ଭାରତ ସହିତ ଉତ୍କଳର ନିତ୍ୟ ସମ୍ବନ୍ଧ ଅନୁଭବ କରିଅଛନ୍ତି, ଓଡ଼ିଆଜାତିର ଇତିହାସ ଅଭ୍ରାନ୍ତ ଭାବରେ ଏହା ପ୍ରମାଣ କରୁଅଛି । ଓଡିଶାର ଯଥାର୍ଥ ଇତିହାସ ଏପର୍ଯ୍ୟନ୍ତ ଲେଖା ହୋଇନାହିଁ । ଏହାର ଗିରିବନ କନ୍ଦରରେ ଯେ ସମସ୍ତ ଉପାଦାନ ବିକ୍ଷିପ୍ତଭାବରେ ପଡ଼ିରହିଅଛି; ଭଗ୍ନ ମନ୍ଦିରରେ ଯେ ସମସ୍ତ ସ୍ମୃତି ଏବଂ ସଂସ୍କାର ଜଡିତ ଏବଂ ପୁଣ୍ୟ ପର୍ବମାନଙ୍କରେ, ଏମନ୍ତ କି ଯେ ସମସ୍ତ ଅନୁଷ୍ଠାନ ଆଜି ଅନେକଙ୍କ ନିକଟରେ କୁସଂସ୍କାର, ସେସବୁର ମଧ୍ଯାରେ ଯେ ସତ୍ୟସାର ନିହିତ ଅଛି, ପ୍ରବାଦ ପ୍ରବଚନ ପରମ୍ପରାରେ ଜୀବନର ଯେ ସମସ୍ତ ତଥ୍ୟ ପ୍ରକାଶ ପାଉଅଛି, ସେ ସବୁର ଭିତରକୁ ଦେଖିଲେ ଜଣାଯାଏ, ଓଡ଼ିଆ ଜାତି ଇତିହାସରେ କେବେ ସଂକୀର୍ଣ୍ଣ ସୀମାରେ ଆବଦ୍ଧ ନ ଥିଲେ । ନଦୀ ପର୍ବତ ଦ୍ୱାରା ଓଡ଼ିଶାର ସୀମା ଆବଦ୍ଧ ହେଲେ ସୁଦ୍ଧା ଓଡ଼ିଆମାନେ ସର୍ବଦା ସେ ସୀମା ଅତିକ୍ରମ କରି ବିଶାଳତାଆଡ଼କୁ ଗତି କରିଅଛନ୍ତି । ଜାତୀୟତାର ଲକ୍ଷ୍ୟ ଯେ ଉଦାର ମାନବିକତା, ସମଗ୍ର ଭାରତରେ ତାହା ଓଡ଼ିଆ ହିଁ ବୁଝିଥିଲେ । ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା, ପୂର୍ଣ୍ଣପ୍ରାଣ ଓଡ଼ିଆର ମନୁଷ୍ୟତା । ଓଡ଼ିଆର ଏ ଜାତୀୟତା ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନୀରସ ଓ ସ୍ୱାର୍ଥ ନୁହେଁ, ରାଜ୍ୟଲାଭ ବା ରକ୍ତପାତରେ ଏହାର ପ୍ରତିଷ୍ଠା ନୁହେଁ, ଗଭୀର ଧର୍ମଭାବ ଏବଂ ଦୃଢ଼ ବିଶ୍ୱାସ ଏହାର ଭିତ୍ତି; ସାମ୍ୟ, ମୈତ୍ରୀ, ସ୍ୱାଧୀନତା ଏହାର ବିଗ୍ରହ ।

**130.** ଏହି ବିଶ୍ୱାସ ଦୃଢ ନ ହେଲେ ମନୁଷ୍ୟ କ'ଣ ଦେଖିବ ନାହିଁ ?
(1) ପବିତ୍ରତା
(2) ନିଜ ଜାତିର ଦେବତ୍ୱ
(3) ମଧୁମୟତା
(4) ମାନବିକତା

**131.** ଆମ୍ଭମାନଙ୍କର ଆରାଧ୍ୟ ଈଶ୍ୱର କିଏ ?
(1) ଜାତୀୟଜୀବନ
(2) ଜାତିର ମହନୀୟତା
(3) ଏହି ସମ୍ମିଳନୀ
(4) ମାନବ କଲ୍ୟାଣ

**132.** ଓଡ଼ିଆ ଜାତିର ସ୍ମୃତି ଏବଂ ସଂସ୍କାର କେଉଁଠି ଜଡ଼ିତ ?
(1) ଇତିହାସ ପୃଷ୍ଠାରେ
(2) ଭଗ୍ନ ମନ୍ଦିରରେ
(3) ଜାତୀୟତାରେ
(4) ମାନବ ଧର୍ମରେ

**133.** ଓଡ଼ିଆଜାତି ଇତିହାସରେ କେଉଁଥିରେ ଆବଦ୍ଧ ନଥିଲେ ?

(1) ସଂକୀର୍ଣ୍ଣ ସୀମାରେ

(2) ସ୍ୱାର୍ଥପରତାରେ

(3) ରାଜ୍ୟ ଲାଭରେ

(4) ସାମ୍ୟ ମୈତ୍ରୀରେ

**134.** ଜାତୀୟତାର ଲକ୍ଷ୍ୟ କ'ଣ ?

(1) ବିଶ୍ୱଭ୍ରାତୃତ୍ୱ

(2) ପୂର୍ଣ୍ଣପ୍ରାଣତା

(3) ଉଦାର ମାନବିକତା

(4) ଦୃଢ଼ ଆତ୍ମବିଶ୍ୱାଶ

**135.** କ୍ଷୁଦ୍ର ପଲ୍ଲୀର ସୀମାବଦ୍ଧ କାର୍ଯ୍ୟ କ୍ଷେତ୍ରରେ ରହି ମନୁଷ୍ୟ କ'ଣ କରିପାରେ ?

(1) ଜାତୀୟ ଚେତନା ସୃଷ୍ଟି କରିପାରେ

(2) ଦେଶାନୁରାଗ ବୃଦ୍ଧି କରେ

(3) କୁସଂସ୍କାର ଦୂର କରି ପାରେ

(4) ମାନବ କଲ୍ୟାଣରେ ଆତ୍ମବିନିଯୋଗ କରିପାରେ

**ନିର୍ଦ୍ଦେଶାବଳୀ** : ପ୍ରତ୍ୟେକ ପ୍ରଶ୍ନର ଶେଷରେ ଦିଆ ଯାଇଥିବା ଉତ୍ତର ମଧ୍ୟରୁ ଯୁକ୍ତିସଂଗତ ତଥା ଠିକ୍ ଉତ୍ତରଟି ବାଛି ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅନ୍ତୁ ।

**136.** ଗୋଟିଏ ଅନୁଚ୍ଛେଦର ପଠନକୁ ଆଧାରକରି କିପରି ଏହାର ମୂଲ୍ୟାୟନ କରାଯିବ ?

ପ୍ରଶ୍ନ : ଧର୍ମଶାଳା କେଉଁଠାରେ ଅବସ୍ଥିତ ?

ଉତ୍ତର-1 ହିମାଚଳ ପ୍ରଦେଶରେ

ଉତ୍ତର-2 ଧର୍ମଶାଳା ହିମାଚଳ ପ୍ରଦେଶରେ ଅବସ୍ଥିତ

(1) ଉତ୍ତର-2 ପାଇଁ 2 ନମ୍ବର ଓ 1 ନମ୍ବର ପାଇଁ ଶୂନ୍ୟ

(2) ଉତ୍ତର-1 ପାଇଁ 1 ନମ୍ବର ଓ 2 ନମ୍ବର ଉତ୍ତର ପାଇଁ 2

(3) 1 ନମ୍ବର ଉତ୍ତର ପାଇଁ 2 ଓ ଦୁଇ ନମ୍ବର ଉତ୍ତର ପାଇଁ 2

(4) 2 ନମ୍ବର ଉତ୍ତର ପାଇଁ $1\frac{1}{2}$ ଓ ଏକ ନମ୍ବର ଉତ୍ତର ପାଇଁ 1

**137.** 'ବିସ୍ତୃତ ପଠନ'ର ଅର୍ଥହେଲା

(1) ନୂତନ ଶବ୍ଦଗୁଡ଼ିକର ଅର୍ଥ ଅନୁମାନ କରିନେବା

(2) ବିଷୟବସ୍ତୁର ସାରମର୍ମ ଅନୁଧ୍ୟାନ କରିବା ସଂଗେ ସଂଗେ ଆନନ୍ଦ ଉପଭୋଗ କରିବା

(3) ଗୂଢରହସ୍ୟ ଜାଣିପାରିବା

(4) ପାଠ୍ୟାଂଶର ସାମୁହିକ ଅର୍ଥ ଅନୁମାନ କରିନେବା

**138.** ଶ୍ରବଣ ଦକ୍ଷତା ମାପିବାପାଇଁ ଶିକ୍ଷକ ଏକ ପ୍ରକାର ବ୍ୟବସ୍ଥା କରିଥାନ୍ତି । ଏଇ ମୂଲ୍ୟାୟନ କାହା ଉପରେ ନିର୍ଭର କରିଥାଏ ?

(1) ଛବି ଦେଖି ଶିକ୍ଷାର୍ଥୀ ବୁଝାଇ ପାରିବାର ଦକ୍ଷତା ଉପରେ

(2) ଗୋଟିଏ ଛୋଟ ଚଳଚିତ୍ର ଦେଖି ତା ଉପରେ ଟିପ୍‌ପଣୀ ଦେବା ଉପରେ

(3) ରେକଡ଼ିଂ ଶୁଣି ତଥ୍ୟର ଶ୍ରେଣୀବଦ୍ଧ ଭାବେ ତାଲିକା କରିବା ଉପରେ

(4) ପାଠ୍ୟକୁ ଜୋର କରି ପଢ଼ିବା ଉପରେ

**139.** ଅନୁସନ୍ଧାନ ମୂଳକ ଶିକ୍ଷା (EBL) କେଉଁଠାରେ ଦେଖାଯାଇଥାଏ ?

(1) ଶିକ୍ଷକ କର୍ମ ନିର୍ଦ୍ଧାରଣ କରି ଶିକ୍ଷାରେ ସହଯୋଗ କରିଥାନ୍ତି

(2) ଶିକ୍ଷାର୍ଥୀ ନିଜ ହିସାବରେ ଅନୁସନ୍ଧାନ କରିଥାନ୍ତି

(3) ଉଭୟ ନଂ-1 ଓ 2 ଉତ୍ତର

(4) କେବଳ 2 ନମ୍ବର ଉତ୍ତର

**140.** "ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ" – ଏଥିରେ କେଉଁ ସାହିତ୍ୟିକ ଉପାଦାନର ବ୍ୟବହାର କରାଯାଇଛି ?

(1) ସମୋଚ୍ଚାରିତ ଶବ୍ଦ

(2) ଅତିଶୟୋକ୍ତି

(3) ରୂପକ

(4) ପ୍ରତୀକ

**141.** ମୋନା ଗାଡ଼ି ଚଲାଇବାରେ 'ଅଧିକ ପାରଦର୍ଶିତା ଲାଭ କରିବା ଦରକାର' । ରେଖାଙ୍କିତ ବାକ୍ୟାଂଶରେ କ'ଣ କୁହାଯାଇଛି ?

(1) ପ୍ରତୀକାତ୍ମକ ଭାବରେ ମୋନାର ଗାଡ଼ି ଚାଳନାର ଦକ୍ଷତା

(2) ଗାଡ଼ି ସାବଧାନତା ସହକାରେ ଚଲାଇବାର ସଂକେତ

(3) ମୋନାର ଗାଡ଼ି ଚଲାଇବାର ନିମ୍ନ ଦକ୍ଷତା ଉପରେ ଟିପ୍ପଣୀ

(4) ମୋନାର ଗାଡ଼ି ଚଲାଇବାର ପୂର୍ବ ଦକ୍ଷତା ସହ ତୁଳନା

**142.** 'ପୂର୍ବ-ପଠନ' ପିରିଅଡ଼ରେ କୌଣସି ପାଠ୍ୟ ବ୍ୟବହାର ନକରି ଆଲୋଚନା କେଉଁ ପଦ୍ଧତିରେ କରାଯାଇଥାଏ ?

(1) ଜେନେରେଟିଭ୍ ଟ୍ରାନ୍ସଫରମେସନାଲ୍ ପଦ୍ଧତି

(2) ରସିଆସ ପଦ୍ଧତି

(3) ବ୍ୟାକରଣ – ଅନୁବାଦ ପଦ୍ଧତି

(4) ଶ୍ରବଣ – କଥନ ପଦ୍ଧତି

**143.** ବିରାମ ଚିହ୍ନ : ତୁମକୁ ______ ଙ୍କ ସହିତ ଆପଏଣ୍ଟମେଣ୍ଟ ନେବା ବିଷୟରେ କଥାବାର୍ତ୍ତା କରିବାକୁ ପଡ଼ିବ । ଠିକ୍ ଚିହ୍ନ ଦିଆଯାଇଥିବା ବାକ୍ୟାଂଶଟି ହେଲା –

(1) ରାହୁଲ – ମି: ପଟେଲ ବାବୁଙ୍କ ସେକ୍ରେଟାରୀ

(2) ରାହୁଲ , ମି: ପଟେଲଙ୍କର ସେକ୍ରେଟାରୀ,

(3) ରାହୁଲ । ମି: ପଟେଲଙ୍କର ସେକ୍ରେଟାରୀ

(4) ରାହୁଲ : ମି: ପଟେଲଙ୍କର ସେକ୍ରେଟାରୀ

**144.** ଯେଉଁ ସ୍କୁଲରେ ସାର୍ବଜନୀନ ଓ ସ୍ୱତନ୍ତ୍ର ଶିକ୍ଷା ମଧ୍ୟରେ ପାର୍ଥକ୍ୟ ନଥାଏ ତାହାକୁ _____ ସ୍କୁଲ କୁହାଯାଏ ।

(1) ସ୍ୱାତନ୍ତ୍ର୍ୟ ମୂଳକ

(2) ବହିଷ୍କୃତ

(3) ମାନଙ୍କ

(4) ଅନ୍ତର୍ଭୁକ୍ତ

**145.** ପ୍ରତ୍ୟେକ ବର୍ଷ ଶେଷରେ ଶିକ୍ଷକ ଶିକ୍ଷାର୍ଥୀଙ୍କ ଶ୍ରବଣ, କଥନ, ପଠନ ଓ ଲିଖନ ଦକ୍ଷତାର ମୂଲ୍ୟାୟନ କରିଥାନ୍ତି । ଏହି ମୂଲ୍ୟାୟନର ଉଦ୍ଦେଶ୍ୟ ହେଲା –

(1) ଶିକ୍ଷାର୍ଥୀଙ୍କ ଭାଷାଶିକ୍ଷାରେ ଆଗ୍ରହର ପରୀକ୍ଷା କରିବା

(2) ପାଠ୍ୟକ୍ରମ ଅନୁସାରେ ଶିକ୍ଷାର ଲକ୍ଷ୍ୟ ସାଧନ ପରୀକ୍ଷା କରିବା

(3) ଶିକ୍ଷାର୍ଥୀଙ୍କ ସାମଗ୍ରିକ ଦକ୍ଷତା ମାପିବା

(4) ଭାଷା ଶିକ୍ଷାପ୍ରତି ଶିକ୍ଷାର୍ଥୀଙ୍କ ମନୋଭାବ ପରୀକ୍ଷା କରିବା

**146.** 'ଇ' ଶିକ୍ଷା ('E'–Learning) କ'ଣ ?

(1) ପତ୍ରାଚାର ଶିକ୍ଷା

(2) ଶିକ୍ଷାରେ ହାଡ଼୍‌ୱାରର ବହୁଳ ବ୍ୟବହାର

(3) ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗଜନିତ ଶିକ୍ଷା

(4) ଶିକ୍ଷାରେ ପ୍ରାମାଣିକ ଚଳଚିତ୍ରର ବ୍ୟବହାର

**147.** ଯଦି ଜଣେ ଶିକ୍ଷକ ତାମିଲ ଭାଷା ଶିକ୍ଷା ନିମନ୍ତେ ପ୍ରକୃତ ଉପାଦାନ ବ୍ୟବହାର କରିବାକୁ ଚାହାନ୍ତି ତେବେ ଏଥିମଧ୍ୟରୁ କେଉଁଟି ବ୍ୟବହାର କରାଯାଇ ପାରିବ ନାହିଁ ?

(1) ତାମିଲ ଭାଷାର ସମ୍ବାଦପତ୍ର

(2) ତାମିଲ ଭାଷାରେ ଅନୁବାଦ କରାଯାଇଥିବା ମଦୁରାଇ ବିଷୟରେ ଇରେଜୀରେ ଲିଖିତ ଏକ ପ୍ରବନ୍ଧ

(3) ତାମିଲନାଡୁର କୌଣସି ଏକ କମ୍ପାନିରେ ଚାକିରି କରିବା ପାଇଁ ତାମିଲ ଭାଷାରେ ଲିଖିତ ଏକ ଦରଖାସ୍ତ

(4) କଏମ୍ବାଟୁରର ରାସ୍ତା ଉପରେ ତାମିଲରେ ଲେଖାଯାଇଥିବା ନିର୍ଦ୍ଦେଶ

**148.** କ'ଣ ମୁଖନିଃସୃତ ଭାବ ବିନିମୟ ନୁହେଁ ?

(1) ମୁଖର ଭାଷା

(2) ସଂକେତ ବା ଇଙ୍ଗିତ

(3) ସଂଖ୍ୟା ଗଣତି

(4) ଲିଖିତ ଶବ୍ଦ

**149.** ଗୋଟିକୁ ଛାଡି ବାକି ସମସ୍ତ ଟିପ୍‌ପଣୀ ସାମୁହିକ ଜ୍ଞାନ ଆହରଣ ସହ ସଂପୃକ୍ତ । କେଉଁଟି ନୁହେଁ ?

(1) ଶିକ୍ଷାର୍ଥୀଙ୍କ ଅଭ୍ୟାସରେ ଅଧିକ ସମୟ ଦେବା

(2) ନୀରବ ଓ ଶୃଂଖଳାବଦ୍ଧ ଶ୍ରେଣୀ ବ୍ୟବସ୍ଥା କରିବା

(3) ଶିକ୍ଷକଭିତ୍ତିକ ଅନ୍ୟ ଏକ ବ୍ୟବସ୍ଥା କରିବା

(4) ସହଜରେ ଉତ୍ସାହ ହରାଇ ବସୁଥିବା ଶିକ୍ଷାର୍ଥୀଙ୍କୁ ଉତ୍ସାହ ବଢାଇବାପାଇଁ ନିବିଡ଼ ସଂପର୍କ ସ୍ଥାପନ କରିବା

**150.** ପଠନ କାଳରେ 'ଅନୁମାନ ଦକ୍ଷତା' (inferencing) ଏଥି ମଧ୍ୟରୁ କାହା ସହିତ ସଂପୃକ୍ତ ।

(1) ଅନୁଚ୍ଛେଦରେ ଥିବା ଉଭୟ ପାଠ୍ୟ ବସ୍ତୁ ଓ ଅକଥନୀୟ ତଥ୍ୟକୁ ଧ୍ୟାନ ଦେବା

(2) ପାଠ୍ୟାଂଶରେ ଥିବା ବିଭିନ୍ନ ତଥ୍ୟ ମଧ୍ୟରେ ସଂପର୍କ ଦର୍ଶାଇବା

(3) ପାଠ୍ୟାଂଶରୁ ସାର ସଂଗ୍ରହକରି ତଥ୍ୟ ସଂପର୍କରେ ଅନୁମାନ କରିବା

(4) ନୂତନ ଶବ୍ଦଗୁଡ଼ିକରେ ଅର୍ଥ ବାହାର କରିବା

## SPACE FOR ROUGH WORK

## SPACE FOR ROUGH WORK

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :*

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା-2 ରେ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।
2. ଉତ୍ତରଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍‌ନମ୍ବର ଲେଖାଯିବ ନାହିଁ ।
3. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ପ୍ରଶ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳାଯାଇପାରିବ ନାହିଁ ।
4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତରଖାତାର କ୍ର.ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।
5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।
6. ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।
7. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।
8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି, ବୋଲି ଧରିନିଆଯିବ ।
9. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।
10. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସିବିଏସ୍‌ଇର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡ଼ର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତରପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ କରାଯାଇପାରିବ ନାହିଁ ।
12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇ ପାରିବେ ।**

**READ CAREFULLY THE FOLLOWING INSTRUCTIONS :**

1. Out of the four alternatives for each question, only one circle for the correct answer is to be darkened completely with Blue/Black Ball Point Pen on Side-2 of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet / Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the examination hall/ room.
6. Each candidate must show on demand his / her Admission Card to the Invigilator.
7. No candidate, without special permission of the Superintendent or Invigilator, should leave his / her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet a second time will be deemed not to have handed over the Answer Sheet and dealt with as an unfair means case.
9. Use of Electronic / Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room / Hall.** ***The candidates are allowed to take away this Test Booklet with them.***

**निम्नलिखित निर्देश ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर पत्र के पृष्ठ-2 पर केवल एक वृत्त को ही पूरी तरह नीले/काले बॉल पॉइन्ट पेन से भरें । एक बार उत्तर अंकित करने के बाद उसे बदला नहीं जा सकता है ।
2. परीक्षार्थी सुनिश्चित करें कि इस उत्तर पत्र को मोड़ा न जाए एवं उस पर कोई अन्य निशान न लगाएँ । परीक्षार्थी अपना अनुक्रमांक उत्तर पत्र में निर्धारित स्थान के अतिरिक्त अन्यत्र न लिखें ।
3. परीक्षा पुस्तिका एवं उत्तर पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी ।
4. परीक्षा पुस्तिका / उत्तर पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाज़िरी-पत्र में लिखें ।
5. परीक्षार्थी द्वारा परीक्षा हॉल/कक्ष में प्रवेश कार्ड के सिवाय किसी प्रकार की पाठ्य सामग्री, मुद्रित या हस्तलिखित, कागज़ की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है ।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें ।
8. कार्यरत निरीक्षक को अपना उत्तर पत्र दिए बिना एवं हाज़िरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे । यदि किसी परीक्षार्थी ने दूसरी बार हाज़िरी-पत्र पर हस्ताक्षर नहीं किए तो यह माना जाएगा कि उसने उत्तर पत्र नहीं लौटाया है और यह अनुचित साधन का मामला माना जाएगा ।
9. इलेक्ट्रॉनिक / हस्तचालित परिकलक का उपयोग वर्जित है ।
10. परीक्षा-हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं । अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा ।
11. किसी हालत में परीक्षा पुस्तिका और उत्तर पत्र का कोई भाग अलग न करें ।
12. **परीक्षा सम्पन्न होने पर, परीक्षार्थी कक्ष / हॉल छोड़ने से पूर्व उत्तर पत्र कक्ष-निरीक्षक को अवश्य सौंप दें ।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं ।***